ପାଠ-୧୯

# କ୍ୟାଲେଣ୍ଡର ତିଆରି କରିବା

ତୁମେ ତୁମ ଘରେ, ବିଦ୍ୟାଳୟରେ, ସାଙ୍ଗମାନଙ୍କର ଘରେ କ୍ୟାଲେଣ୍ଡର ଝୁଲାଯାଇଥିବାର ଦେଖିଥିବ। କ୍ୟାଲେଣ୍ଡରରୁ କି କି ସୂଚନା ମିଳେ ଲେଖ।

________________________________________

________________________________________

ତଳେ ୨୦୧୫ ମସିହା ଜୁନ୍ ମାସର କ୍ୟାଲେଣ୍ଡର ଦିଆଯାଇଛି। ଏହାକୁ ଲକ୍ଷ୍ୟ କରି ମଇ ୨୦୧୫ ଓ ଜୁଲାଇ ୨୦୧୫ ର କ୍ୟାଲେଣ୍ଡର ପ୍ରସ୍ତୁତ କର।

**ମଇ - ୨୦୧୫**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |

**ଜୁନ୍ - ୨୦୧୫**

| | | | | | |
|---|---|---|---|---|---|
| ରବି | | ୭ | ୧୪ | ୨୧ | ୨୮ |
| ସୋମ | ୧ | ୮ | ୧୫ | ୨୨ | ୨୯ |
| ମଙ୍ଗଳ | ୨ | ୯ | ୧୬ | ୨୩ | ୩୦ |
| ବୁଧ | ୩ | ୧୦ | ୧୭ | ୨୪ | |
| ଗୁରୁ | ୪ | ୧୧ | ୧୮ | ୨୫ | |
| ଶୁକ୍ର | ୫ | ୧୨ | ୧୯ | ୨୬ | |
| ଶନି | ୬ | ୧୩ | ୨୦ | ୨୭ | |

**ଜୁଲାଇ - ୨୦୧୫**

| | | | | | |
|---|---|---|---|---|---|
| ରବି | | | | | |
| ସୋମ | | | | | |
| ମଙ୍ଗଳ | | | | | |
| ବୁଧ | | | | | |
| ଗୁରୁ | | | | | |
| ଶୁକ୍ର | | | | | |
| ଶନି | | | | | |

ତୁମେ ଲେଖିଥିବା କ୍ୟାଲେଣ୍ଡର ଦେଖି ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

- ଜୁନ୍ ମାସରେ କେତୋଟି ରବିବାର ପଡ଼ିଥିଲା ? ____________
- ଜୁଲାଇ ମାସ ୧ ତାରିଖ କେଉଁ ବାରରେ ପଡ଼ିଛି ? ____________
- ଜୁନ୍ ମାସର ଗୁରୁବାରଗୁଡ଼ିକ କେଉଁ କେଉଁ ତାରିଖରେ ପଡ଼ିଛି ? ____________
- ଅଗଷ୍ଟ ମାସର ୧ ତାରିଖ କେଉଁ ବାର ହେବ ? ____________
- ମଇ ମାସରେ କେତୋଟି ପୂର୍ଣ୍ଣ ସପ୍ତାହ ଅଛି ? ____________
- ଜୁନ୍ ମାସର ୧୦ ତାରିଖରୁ ଜୁନ୍ ମାସ ୨୮ ତାରିଖ କେତେ ଦିନ ? ____________
- ଜୁନ୍ ମାସର ୨୫ ତାରିଖରୁ ଜୁଲାଇ ମାସ ୪ ତାରିଖ କେତେ ଦିନ ? ____________
- ଗୋଟିଏ ବିଦ୍ୟାଳୟରେ ସ୍ୱଚ୍ଛଭାରତ ଅଭିଯାନ ଜୁନ୍ ମାସ ୨୯ ତାରିଖରେ ଆରମ୍ଭ ହୋଇ ଜୁଲାଇ ମାସ ୨୪ ତାରିଖରେ ଶେଷ ହେଲା। ଏହି ଅଭିଯାନ କେତେ ଦିନ ଚାଲିଲା ? ____________

ଶିକ୍ଷକଙ୍କଠାରୁ ୨୦୧୨, ୨୦୧୩ ଓ ୨୦୧୪ ମସିହାର କ୍ୟାଲେଣ୍ଡର ସଂଗ୍ରହ କର । କ୍ୟାଲେଣ୍ଡରକୁ ଦେଖି କେଉଁ ମାସ କେତେ ଦିନିଆଁ ତାହା ତଳ ସାରଣୀର ଖାଲିଘରେ ଲେଖ । (କ୍ୟାଲେଣ୍ଡର ନ ପାଇଲେ ଶିକ୍ଷକଙ୍କଠାରୁ ବୁଝି ଲେଖ)

| ବର୍ଷ | ଜାନୁୟାରୀ | ଫେବୃୟାରୀ | ମାର୍ଚ୍ଚ | ଏପ୍ରିଲ | ମଇ | ଜୁନ୍ | ଜୁଲାଇ | ଅଗଷ୍ଟ | ସେପ୍ଟେମ୍ବର | ଅକ୍ଟୋବର | ନଭେମ୍ବର | ଡିସେମ୍ବର | ମୋଟ |
|---|---|---|---|---|---|---|---|---|---|---|---|---|---|
| ୨୦୧୨ | | | | | | | | | | | | | |
| ୨୦୧୩ | | | | | | | | | | | | | |
| ୨୦୧୪ | | | | | | | | | | | | | |

☞ ଉପର ସାରଣୀକୁ ଲକ୍ଷ୍ୟ କରି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ –

- ବର୍ଷର କେଉଁ ମାସଗୁଡ଼ିକ ୩୧ ଦିନିଆଁ ? ________________
- ବର୍ଷର କେଉଁ ମାସଗୁଡ଼ିକ ୩୦ ଦିନିଆଁ ? ________________
- ୨୦୧୨ ମସିହାରେ କେତେ ଦିନ ? ________________
- ୨୦୧୩ ମସିହାରେ କେତେ ଦିନ ? ________________

ଆମେ ଜାଣୁ ଯେ, ବର୍ଷକ ୩୬୫ ଦିନ । କିନ୍ତୁ ପ୍ରତି ୪ ବର୍ଷରେ ଥରେ ବର୍ଷକ ୩୬୫ ଦିନ ବଦଳରେ ୩୬୬ ଦିନ ହୋଇଥାଏ, ସେହି ବର୍ଷ ଫେବୃୟାରୀ ମାସ ୨୮ ଦିନ ବଦଳରେ ୨୯ ଦିନିଆ ହୋଇଥାଏ । ଯେଉଁ ବର୍ଷ ଫେବୃୟାରୀ ମାସ ୨୯ ଦିନିଆ ହୁଏ, ସେହି ବର୍ଷକୁ **ଅଧିବର୍ଷ** କୁହାଯାଏ ।

## ଅଧିବର୍ଷ କାହିଁକି ହୁଏ ?

ବର୍ଷକ ୩୬୫ ଦିନ ରୂପେ ଆମେ ହିସାବ କରୁ । କିନ୍ତୁ ପ୍ରକୃତରେ ଏହା ପ୍ରାୟ ୩୬୫ ଦିନ ୬ ଘଣ୍ଟା । ବର୍ଷକର ଏହି ୬ ଘଣ୍ଟା ଅଧିକ ସମୟକୁ ହିସାବ କରି ପ୍ରତି ଚାରିବର୍ଷରେ ଥରେ ୬ ଘଣ୍ଟା × ୪ = ୨୪ ଘଣ୍ଟା ବା ୧ ଦିନ, ବର୍ଷର ଦିନ ସଂଖ୍ୟାରେ ବଢ଼ାଇ ଦିଆଯାଏ । ଏହି ଅଧିକ ଦିନଟି ସେ ବର୍ଷର ଫେବୃୟାରୀ ମାସରେ ମିଶାଯାଇ ସେହି ମାସର ଦିନ ସଂଖ୍ୟା ୨୮ ପରିବର୍ତ୍ତେ ୨୯ ହୁଏ । ଏହା ଦ୍ୱାରା ସେହି ବର୍ଷର ଦିନସଂଖ୍ୟା ୩୬୬ ଦିନ ହୋଇଥାଏ । ପ୍ରତି ୪ ବର୍ଷରେ ଏହିଭଳି ବର୍ଷଟିଏ ଆସିଥାଏ ଓ ଏହାକୁ ଅଧିବର୍ଷ ବା **ଲିପ୍ ଇୟର** କୁହାଯାଏ ।

ଯେଉଁ ମସିହାକୁ (ପୂର୍ଣ୍ଣ ଶହ ମସିହା ବ୍ୟତୀତ) ୪ ଦ୍ୱାରା ଭାଗକଲେ କୌଣସି ଭାଗଶେଷ ରହେନାହିଁ, ସେହି ବର୍ଷର ଦିନ ସଂଖ୍ୟା ୩୬୬ ହୁଏ । ୧୯୮୪, ୧୯୮୮, ୧୯୯୨, ୧୯୯୬, ୨୦୦୪, ୨୦୦୮ ଆଦି ମସିହା ଗୁଡ଼ିକ ଅଧିବର୍ଷ । କିନ୍ତୁ ପୂର୍ଣ୍ଣ ଶହ ମସିହା ଯଥା ୧୯୦୦, ୨୧୦୦, ୨୨୦୦, ୨୩୦୦, ୨୫୦୦ ମସିହାଗୁଡ଼ିକ ୪ ଦ୍ୱାରା ବିଭାଜ୍ୟ ହେଲେ ମଧ୍ୟ ଅଧିବର୍ଷ ନୁହନ୍ତି । ଏହିପରି ପୂର୍ଣ୍ଣ ଶହ ମସିହାଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ୪୦୦ ଦ୍ୱାରା ବିଭାଜ୍ୟ, ସେ ମସିହାଗୁଡ଼ିକ ଅଧିବର୍ଷ ହୋଇଥାନ୍ତି । ୧୨୦୦, ୧୬୦୦ ଓ ୨୦୦୦ ମସିହା ୪୦୦ ଦ୍ୱାରା ବିଭାଜ୍ୟ ସେଗୁଡ଼ିକ ଅଧିବର୍ଷ ।

☞ ନିମ୍ନ ମସିହାଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ଅଧିବର୍ଷ ତା' ପାଖ ଘରେ ଠିକ୍ (✓) ଚିହ୍ନ ଦିଅ। ଯେଉଁ ମସିହାଗୁଡ଼ିକ ଅଧିବର୍ଷ ନୁହେଁ ତା'ପାଖରେ (X) ଚିହ୍ନ ଦିଅ।

| | | | |
|---|---|---|---|
| ୧୯୯୩ | | ୨୦୦୦ | |
| ୧୯୯୨ | | ୧୯୪୭ | |
| ୧୮୮୦ | | ୧୯୫୨ | |
| ୧୨୩୨ | | ୨୦୧୪ | |
| ୧୨୯୫ | | ୨୦୧୬ | |
| ୧୯୯୮ | | ୨୦୧୧ | |
| ୨୦୦୯ | | ୧୮୦୦ | |

**ସଂକ୍ଷେପରେ ତାରିଖ ଲେଖିବା ପ୍ରଣାଳୀ :**

ମାମୁନୀ ଚତୁର୍ଥ ଶ୍ରେଣୀରେ ପଢ଼େ। ତା' ବଡ଼ଭାଇ ରମେଶ କୋରାପୁଟରେ ମାମୁଁଘରେ ରହି ଷଷ୍ଠ ଶ୍ରେଣୀରେ ପଢ଼େ। ରମେଶ ମାମୁନୀ ପାଖକୁ ଗ୍ରୀଷ୍ମଛୁଟିରେ ତଳ ଚିଠିଟି ଲେଖିଥିଲା।

କୋରାପୁଟ

ତା. ୨୩.୦୪.୨୦୦୯

ସ୍ନେହର ମାମୁନୀ


ମୋର ସ୍ନେହ ନେବୁ। ମା, ବାପାଙ୍କୁ ମୋର ନମସ୍କାର ଜଣେଇ ଦେବୁ। ଆମ ସ୍କୁଲ ତା ୨୨.୦୪.୨୦୦୯ ରିଖରେ ଛୁଟି ହେଲା। ଏ ବର୍ଷ ଅତ୍ୟଧିକ ଗରମ ହେତୁ ୯ ଦିନ ଆଗରୁ ଆମ ବିଦ୍ୟାଳୟ ଛୁଟି ହୋଇଗଲା। ଗ୍ରୀଷ୍ମଛୁଟି ପରେ ତା ୧୭.୦୬.୨୦୦୯ ରିଖରେ ଖୋଲିବ। ମୁଁ ମୋର ସାଙ୍ଗ ସୁରେଶ ଘରକୁ ତା ୨୫.୦୪.୨୦୦୯ ରେ ଯିବି ଓ ସେଠାରେ ତା.୮.୫.୨୦୦୯ ରିଖ ପର୍ଯ୍ୟନ୍ତ ରହିବି। ସେଠାରୁ ତୋ ପାଖକୁ ଯିବି ଓ ଘରେ ୧୫ ଦିନ ରହିବି। ଘରକୁ ଗଲେ ବହୁତ ମଜା କରିବା।

ଇତି

ତୋର ବଡ଼ ଭାଇ ରମେଶ

ମାମୁନୀ ଚିଠିଟି ପାଇ ବହୁତ ଖୁସି ହେଲା କିନ୍ତୁ ଚିଠିଟି ପଢ଼ି ଭାଇ କେବେ ଆସିବେ ଓ କେବେ ଯିବେ ଜାଣି ପାରିଲା ନାହିଁ। ମା'କୁ ଯାଇ ଚିଠି ଦେଖେଇ ପଚାରିଲା – "ଭାଇ କେବେ ଆସିବେ ଓ କେବେ ଯିବେ କହ ?"

ମା' ମାମୁନୀକୁ କହିଲେ "ତୁମ ଖାତାରେ ଶିକ୍ଷକ ଯେଉଁଠି ଦସ୍ତଖତ କରିଛନ୍ତି ଆସ ଦେଖିବା"। ମାମୁନୀ ଖାତା ଖୋଲିଲା, ଶିକ୍ଷକଙ୍କ ଦସ୍ତଖତ ପାଖରେ ଲେଖା ଅଛି ୧୦.୦୨.୧୫ । ଆସ, ୧୦.୨.୧୫ କ'ଣ ସୂଚାଉଛି ଜାଣିବା -



ଏହି ତାରିଖରେ ଲେଖାଯାଇଥିବା ଶେଷ ଦୁଇଟି ଅଙ୍କ ହେଉଛି ୧୫ ର ଅର୍ଥ ୨୦୧୫ ମସିହା। ଦସ୍ତଖତ ତାରିଖରେ ଥିବା ୨ ହେଉଛି ମାସର କ୍ରମିକ ନମ୍ବର। କ୍ୟାଲେଣ୍ଡରରୁ ଦେଖିପାରିବା ଯେ ବର୍ଷରେ ୨ୟ ମାସ ହେଉଛି ଫେବୃୟାରୀମାସ। ୧୦ରୁ ଜଣାପଡ଼େ ଯେ ଶିକ୍ଷକ ମାସର ୧୦ ତମ ଦିନ ଖାତା ଦେଖିଛନ୍ତି। ଏଣୁ ଖାତା ଦେଖା ଦିନଟି ହେଉଛି ୨୦୧୫ ମସିହା ଫେବୃୟାରୀ ମାସ ୧୦ ତାରିଖ। ସେହିପରି ୨୫.୪.୧୫ ହେଉଛି ୨୦୧୫ ମସିହା ଏପ୍ରିଲ ମାସ ୨୫ ତାରିଖ।

## ଅଭ୍ୟାସ କାର୍ଯ୍ୟ

୧. ଉଦାହରଣ ଦେଖି ସାରଣୀ ପୂରଣ କର।

| ମସିହା | ଦିନସଂଖ୍ୟା | ଅଧିବର୍ଷ |
|---|---|---|
| ୧୨୦୫ | ୩୬୫ | |
| ୧୨୦୮ | | |
| ୨୦୦୫ | | |
| ୧୩୦୭ | | |
| ୨୦୧୬ | | |

| ମସିହା | ଦିନସଂଖ୍ୟା | ଅଧିବର୍ଷ |
|---|---|---|
| ୧୩୦୦ | | |
| ୨୪୦୦ | | |
| ୧୫୦୮ | | |
| ୨୦୨୦ | | |
| ୨୦୧୦ | | |

୨. ଚଳିତ ବର୍ଷରେ କ୍ୟାଲେଣ୍ଡର ଦେଖି ଖାଲିସ୍ଥାନରେ ସଂକ୍ଷେପରେ ତାରିଖ ଲେଖ।

(କ) ଡିସେମ୍ବର ମାସର ଶେଷ ରବିବାର ________________

(ଖ) ମାର୍ଚ୍ଚ ମାସର ପ୍ରଥମ ମଙ୍ଗଳବାର ________________

(ଗ) ଅଗଷ୍ଟ ମାସର ଦ୍ୱିତୀୟ ଗୁରୁବାର ________________

(ଘ) ଗୁରୁ ଦିବସ ________________

(ଙ) ଶିଶୁ ଦିବସ ________________

(ଚ) ଉତ୍କଳ ଦିବସ ________________

(ଛ) ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ ________________

୩. କେତେ ତାରିଖ ହେବ ସଂକ୍ଷେପରେ ତାରିଖ ଲେଖି ଖାଲିଘର ପୂରଣ କର।

(କ) ୨୦୧୦ ମସିହା ଜୁନ୍ ମାସ ୨୮ ତାରିଖର ୫ଦିନପରେ ______________

(ଖ) ୨୦୧୦ ମସିହା ମାର୍ଚ୍ଚ ୧୦ ତାରିଖର ୩ ଦିନ ପୂର୍ବରୁ ______________

(ଗ) ୨୦୧୦ ମସିହା ଅକ୍ଟୋବର ୨୮ ତାରିଖର ୮ ଦିନ ପୂର୍ବରୁ ______________

(ଘ) ୨୦୧୦ ମସିହା ଏପ୍ରିଲ ମାସ ୨୨ ତାରିଖର ୯ ଦିନ ପରେ ______________

୪. ତଳ ତାରିଖମାନଙ୍କ ମଧ୍ୟରୁ କେଉଁ ତାରିଖଗୁଡ଼ିକ ଠିକ୍ ତା'ପାଖରେ ଠିକ୍ ଚିହ୍ନ (✓) ଦିଅ।

| | | | | | |
|---|---|---|---|---|---|
| କ) | ୨୩.୧୨.୦୪ | ☐ | (ଙ) | ୫.୬.୦୭ | ☐ |
| ଖ) | ୨୯.୦୨.୧୨ | ☐ | (ଚ) | ୨୯.୨.୧୦ | ☐ |
| ଗ) | ୨.୧୩.୦୮ | ☐ | (ଛ) | ୩୧.୧୧.୦୫ | ☐ |
| ଘ) | ୩୦.୨.୦୬ | ☐ | (ଜ) | ୩୧.୦୪.୦୫ | ☐ |

୫.କ)ଗୋଟିଏ ବିଦ୍ୟାଳୟ ୨୦୦୧ ମସିହାରେ ଦଶହରା ଛୁଟି ୨୩.୧୦.୦୧ ତାରିଖଠାରୁ ୪.୧୧.୦୧ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ତେବେ ସମୁଦାୟ କେତେ ଦିନ ଛୁଟି ହୋଇଥିଲା (ଉଭୟ ଦିନକୁ ହିସାବ କରାଯିବ) ?

ଅକ୍ଟୋବର ମାସରେ ୨୩.୧୦.୦୧ ରୁ ତା. ୩୧.୧୦.୦୧ ପର୍ଯ୍ୟନ୍ତ __________ ଦିନ।

ନଭେମ୍ବର ମାସ ୧.୧୧.୦୧ ରୁ ୪.୧୧.୦୧ ପର୍ଯ୍ୟନ୍ତ __________ ଦିନ।

ତେବେ ସମୁଦାୟ __________ ଦିନ ଛୁଟି ହୋଇଥିଲା।

ଖ) ୧୫.୦୧.୦୨ ଠାରୁ ୧୨.୦୪.୦୨ ପର୍ଯ୍ୟନ୍ତ ମୋଟ୍ କେତେ ଦିନ ହିସାବ କର।

ପ୍ରଥମ ମାସ ଅର୍ଥାତ୍ ଜାନୁୟାରୀ ମାସରେ (୩୧ - ୧୪ = ୧୭) ୧୭ ଦିନ

ଦ୍ୱିତୀୟ ମାସ ______________ (ପୁରାମାସ) ______ ଦିନ

ତୃତୀୟ ମାସ ବା ______________ ______ ଦିନ

ଚର୍ତୁଥ ମାସ ବା ______________ (୧ ତାରିଖରୁ ୧୨ ତାରିଖ) ______ ଦିନ

ଗ) ୨୧.୬.୦୩ ଠାରୁ ୮.୯.୦୩ ପର୍ଯ୍ୟନ୍ତ ମୋଟ କେତେ ଦିନ ହିସାବ କର।

୬ ମାସ ବା __________ ମାସରେ (୨୧ ତାରିଖରୁ ୩୦ ତାରିଖ) ______ ଦିନ

୭ ମାସ ବା __________ ମାସରେ ______ ଦିନ

୮ ମାସ ବା __________ ମାସରେ ______ ଦିନ

୯ ମାସ ବା __________ ମାସରେ (୧ ତାରିଖରୁ ୮ ତାରିଖ) ______ ଦିନ

ମୋଟ __________ ______ ଦିନ

(ଘ) ତା ୧୮.୨.୦୮ ରୁ ତା ୩.୫.୦୮ ପର୍ଯ୍ୟନ୍ତ ମୋଟ୍ କେତେ ଦିନ ହିସାବ କର ।

ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

- ୨୦୦୮ ମସିହାର ଫେବୃୟାରୀ ମାସ କେତେ ଦିନ ?
- ୨୦୦୮ ମସିହା ଫେବୃୟାରୀ ୧୮ ତାରିଖରୁ ଫେବୃୟାରୀ ୨୯ ତାରିଖ ପର୍ଯ୍ୟନ୍ତ କେତେ ଦିନ ?
- ମାର୍ଚ୍ଚ ମାସରେ କେତେ ଦିନ ?
- ଏପ୍ରିଲ ମାସରେ କେତେ ଦିନ ?
- ମଇ ମାସ ୧ ତାରିଖରୁ ମେ ତିନି ତାରିଖ ପର୍ଯ୍ୟନ୍ତ କେତେ ଦିନ ?
- ତେବେ ତା ୧୮.୨.୦୮ ରୁ ତା ୩.୫.୦୮ ପର୍ଯ୍ୟନ୍ତ ମୋଟ୍ କେତେ ଦିନ ?

(ଙ) ଅନୀତା ଗୋଟିଏ କାମକୁ ତା ୫.୬.୦୯ ରିଖରେ ଆରମ୍ଭ କଲା । ଯଦି କାମଟିକୁ ସାରିବାକୁ ତାକୁ ୩୫ ଦିନ ଲାଗିବ, ସେ କେତେ ତାରିଖରେ କାମ ସାରିବ ?


- ଅନୀତା କାମଟିକୁ କେତେ ଦିନରେ ସାରିବ ?
- ଅନୀତା କେତେ ତାରିଖରେ କାମ ଆରମ୍ଭ କଲେ ?
- ଅନୀତା ଜୁନ୍ ମାସରେ କେତେ ଦିନ କାମ କରିବ ?
- ଜୁନ୍ ମାସ ପରେ ଅର୍ଥାତ୍ ଜୁଲାଇ ମାସରେ ଅନୀତା କେତେ ଦିନ କାମ କରିବ ?
- ଅନୀତା କେତେ ତାରିଖରେ କାମଟି ସାରିବ ?


**ତୁମ ପାଇଁ କାମ**-ଚଳିତ ବର୍ଷର କ୍ୟାଲେଣ୍ଡରରେ ତୁମ ଜନ୍ମ ତାରିଖରେ (✓) ଚିହ୍ନ ଦିଅ । ସେହି ମାସରେ ଥିବା ଛୁଟି ଦିନଗୁଡ଼ିକୁ କ୍ୟାଲେଣ୍ଡରରେ ଗୋଲ୍ ବୁଲାଅ ।

## ଘଣ୍ଟା ଦେଖି ସମୟ ଜାଣିବା

ଆମେ ଜାଣିଛେ, ଡିଜିଟାଲ୍ ଘଣ୍ଟା ବ୍ୟତୀତ ଅନ୍ୟ ଘଣ୍ଟାଗୁଡ଼ିକରେ ଘଣ୍ଟା କଣ୍ଟା ଓ ମିନିଟ୍ କଣ୍ଟା ଥାଏ । ଆଉ କେତେକ ଘଣ୍ଟାରେ ଏ ଦୁଇଟି କଣ୍ଟା ସହିତ ସେକେଣ୍ଡ କଣ୍ଟାଟି ମଧ୍ୟ ଥାଏ ।

ତଳ ଘଣ୍ଟା ଦୁଇଟିରେ ସମୟ କେତେ ଖାଲି ଘରେ ଲେଖ ।





ମିନିଟ୍ କଣ୍ଟା ଗୋଟିଏ ସଂଖ୍ୟାଠାରୁ ତା'ର ଠିକ୍ ପରବର୍ତ୍ତୀ ସଂଖ୍ୟାକୁ ଗଲାବେଳେ ଏହା ୫ଟି ଛୋଟ ଘର ଅତିକ୍ରମ କରେ । ଗୋଟିଏ ଛୋଟ ଘର ଅତିକ୍ରମ କରିବା ପାଇଁ ୧ ମିନିଟ୍ ସମୟ ନିଏ । ମିନିଟ୍ କଣ୍ଟାଟି ୧ ୨ ରୁ ୨ ପର୍ଯ୍ୟନ୍ତ ଯିବା ସମୟରେ ଏହା ୧ ୦ ଟି ଛୋଟ ଘର ଦେଇ ଗତିକରେ ଓ ୧ ୦ ମିନିଟ୍ ସମୟ ନେଇଥାଏ ।

## ଅଭ୍ୟାସ କାର୍ଯ୍ୟ

୧. ତିନିଜଣ ସାଙ୍ଗ ପାର୍ଶ୍ୱରେ ଥିବା ଘଣ୍ଟା ଚିତ୍ରରୁ ସମୟ କହିଲେ । ଯିଏ ସମୟ ଠିକ୍ କହିଛି ସେହି ଘରେ ଠିକ୍ (✓) ଚିହ୍ନ ଦିଅ ।

| | ରଘୁ | ଲୁନା | ସୀତା |
|---|---|---|---|
|  | ୧ ୨ଟା ୩ମିନିଟ୍ | ୧ ୨ଟା ୧ ୫ମିନିଟ୍ | ୩ଟା ୧ ୨ମିନିଟ୍ |
|  | ୭ଟା୨ ୫ମିନିଟ୍ | ୫ଟା ୭ମିନିଟ୍ | ୭ଟା ୩୫ମିନିଟ୍ |
|  | ୩ଟା ୩୫ମିନିଟ୍ | ୭ଟା ୩ ମିନିଟ୍ | ୭ଟା ୧ ୫ମିନିଟ |

୨. ଘଣ୍ଟାଚିତ୍ର ଦେଖି ଖାଲିଘରେ ସମୟ ଦୁଇ ପ୍ରକାରରେ ଲେଖ ।






| | | |
|---|---|---|
| ______ଟା ______ମିନିଟ୍ | | |
| ୪ଟା ବାଜିବାକୁ ୧ ୫ମିନିଟ୍ ବାକି | | |






| | | |
|---|---|---|
| | | |
| | | |


୩. ପ୍ରତ୍ୟେକ ଘଣ୍ଟା ତଳେ ଲେଖାଯାଇଥିବା ସମୟ ଦେଖି ଘଣ୍ଟାରେ ଘଣ୍ଟାକଣ୍ଟା ଓ ମିନିଟ୍ କଣ୍ଟାକୁ ଆଣି ଦେଖାଅ ।




୯ ଟା ୪୦ ମିନିଟ୍




୩ ଟା ବାଜିବାକୁ
୧୫ ମିନିଟ୍ ବାକି




୪ ଟା ୫୫ ମିନିଟ୍

**ତୁମ ପାଇଁ କାମ** - ଘରେ, ବିଦ୍ୟାଳୟରେ ତଥା ଅନ୍ୟ ସ୍ଥାନମାନଙ୍କରେ ତୁମେ ବିଭିନ୍ନ ପ୍ରକାରର ଘଣ୍ଟା ଦେଖିଥିବ । ତୁମେ ଦେଖିଥିବା ତିନି ପ୍ରକାରର ଘଣ୍ଟାର ଚିତ୍ର ଆଙ୍କ ।

## ୨୪ ଘଣ୍ଟିଆ ସମୟ ହିସାବ

ଗ୍ରୀଷ୍ମଛୁଟିରେ ଲୁନା ମାମୁ ଘରକୁ ବୁଲିବାକୁ ଯାଇଥିଲା । ମାମୁ ଘରେ ସାଙ୍ଗମାନଙ୍କ ସହ ବହୁତ ମଜା କରୁଥିଲା । ଲୁନାର ଘରକୁ ଯିବାକୁ ଆଦୌ ଇଚ୍ଛା ନ ଥିଲା । ଦିନେ ତାଙ୍କର ବାପା ଆସି କହିଲେ-"ମୁଁ ଟିକେଟ କରି ଆଣିଛି, ଆମେ ଆସନ୍ତା କାଲି ୩ ଟା ୩୦ ମିନିଟ୍ ସମୟରେ ଟ୍ରେନ୍‌ରେ ଘରକୁ ଯିବା" । ଲୁନା ମନ ଦୁଃଖ କଲା । ଲୁନା ଓ ତା'ର ବାପା ପରଦିନ ଅପରାହ୍ନ ୩ଟା ୩୦ ମିନିଟ୍ ପୂର୍ବରୁ ଯାଇ ଷ୍ଟେସନ୍ ମାଷ୍ଟରଙ୍କୁ ଟ୍ରେନ୍ ବିଷୟରେ ପଚାରିଲେ । ଷ୍ଟେସନ୍ ମାଷ୍ଟର କହିଲେ- 'ଏବେ ତ କୌଣସି ଟ୍ରେନ୍ ଆସିବାର ନାହିଁ ।' ଲୁନାର ବାପା କହିଲେ- ଟିକେଟରେ ଟ୍ରେନ୍ ସମୟ ୩.୩୦ ଘଣ୍ଟା ଲେଖା ହୋଇଛି । ଷ୍ଟେସନ୍ ମାଷ୍ଟର କହିଲେ- ଟ୍ରେନ୍ ସମୟ ୩.୩୦ ଘଣ୍ଟା ଅର୍ଥାତ୍ ସକାଳ (ଭୋର୍) ୩ ଟା ୩୦ ମିନିଟ୍ । ଯଦି ଟ୍ରେନ୍ ସମୟ ଅପରାହ୍ନ ୩ ଟା ୩୦ ମିନିଟ୍ ହୋଇଥା'ନ୍ତା ତେବେ ଟିକେଟରେ ୧୫.୩୦ ଘଣ୍ଟା ଲେଖା ଯାଇଥାନ୍ତା । ଲୁନାର ବାପା କହିଲେ-"ସତରେ, ଟ୍ରେନ୍ ସମୟ ୨୪ ଘଣ୍ଟିଆ ଘଡ଼ିର ସମୟ ଅନୁଯାୟୀ ଲେଖାଯାଏ ।"

☞ ତଳ ସାରଣୀ ପୂରଣ କର :-

| ତୁମ ଘଣ୍ଟାରେ ସମୟ (୧୨ ଘଣ୍ଟିଆ ଘଡ଼ି) | ରେଲୱେ ସମୟ (୨୪ ଘଣ୍ଟିଆ ଘଡ଼ି) |
|---|---|
| ସକାଳ ୬ ଟା | ୬:୦୦ ଘଣ୍ଟା |
| ଭୋର ୩ ଟା | |
| ଅପରାହ୍ନ ୧ ଟା ୩୦ ମିନିଟ୍ | ୧୩:୩୦ ଘଣ୍ଟା |
| ସଂଧ୍ୟା ୬ ଟା | |
| ରାତି ୯ଟା ୩୦ ମିନିଟ୍ | |
| ମଧ୍ୟାହ୍ନ ୧୨ ଟା | |
| ରାତି ୧୧ ଟା | |
| ସକାଳ ୮ ଟା ୩୦ ମିନିଟ୍ | |

୧ ୨ ଘଣ୍ଟା ସୂଚକ ଘଡ଼ିରେ ପ୍ରତ୍ୟେକ ସମୟ ଦିନରେ ଦୁଇ ଥର ଆସେ । ଯଥା- ସକାଳ ୫ ଟା ୩୦ ମିନିଟ୍ ଓ ସଂଧ୍ୟା ୫ ଟା ୩୦ ମିନିଟ୍ । ମଧ୍ୟରାତି ବା ରାତି ୧ ୨ ଟାରୁ ମଧ୍ୟାହ୍ନ ବା ଦିନ ୧ ୨ ଟା ପର୍ଯ୍ୟନ୍ତ ସମୟକୁ ପୂର୍ବାହ୍ନ ସମୟ ଓ ମଧ୍ୟାହ୍ନ ୧ ୨ଟାରୁ ରାତି ୧ ୨ ପର୍ଯ୍ୟନ୍ତ ସମୟକୁ ଅପରାହ୍ନ ଦ୍ୱାରା ସୂଚିତ କରାଯାଏ ।

ଯେପରି- ପୂର୍ବାହ୍ନ ୧୦ ଟାକୁ ୧୦ a m, ଅପରାହ୍ନ ୪ ଟା ୩୦ ମିନିଟ୍‌କୁ ୪.୩୦ p m, ମଧ୍ୟାହ୍ନ ୧ ୨ ଟାକୁ ୧ ୨ noon ଓ ରାତି ୧ ୨ ଟାକୁ ୧ ୨midnight, ରାତି ୧ ୨ଟା ୩୦ ମିନିଟ୍‌କୁ ୧ ୨.୩୦ a m ଭାବେ ଲେଖାଯାଏ ।

☞ ଉଦାହରଣ ଦେଖି ତଳ ସାରଣୀ ପୂରଣ କର ।

| ସମୟ | a m ବା p m | ୨ ୪ ଘଣ୍ଟିଆ ସମୟ |
|---|---|---|
| ସକାଳ ୬ଟା ୪୦ ମିନିଟ୍ | ୬.୪୦ a m | ୬:୪୦ |
| ଅପରାହ୍ନ ୧ ୨ଟା ୧ ୫ ମିନିଟ୍ | | |
| ସଂଧ୍ୟା ୬ ଟା ୧ ୫ ମିନିଟ୍ | | |
| ରାତି ୪ ଟା ୪୫ ମିନିଟ୍ | | |
| ଦିନ ୨ ଟା ୧ ୫ ମିନିଟ୍ | | |
| ଅପରାହ୍ନ ୩ଟା ୨ ୦ ମିନିଟ୍ | | |
| ଅପରାହ୍ନ ୭ଟା ୩୦ ମିନିଟ୍ | | |
| ପୂର୍ବାହ୍ନ ୩ ଟା ବାଜିବାକୁ ୧ ୫ ମିନିଟ୍ ବାକି | | |
| ମଧ୍ୟାହ୍ନ ୧ ୨ ଟା ବାଜିବାକୁ ୨ ୫ ମିନିଟ୍ ବାକି | | |
| ମଧ୍ୟରାତ୍ର ୧ ୨ଟା ବାଜିବାକୁ ୧ ୦ ମିନିଟ୍ ବାକି | | |

## ଘଣ୍ଟାକୁ ମିନିଟ୍‌ରେ ଓ ମିନିଟ୍‌କୁ ଘଣ୍ଟାରେ ପ୍ରକାଶ

ଆମେ ଜାଣିଛୁ ୧ ଘଣ୍ଟା = ୬୦ ମିନିଟ୍

☞ ତଳେ ଥିବା ଖାଲି ଘର ପୂରଣ କର -

୨ ଘଣ୍ଟା = ୨ × ________ = ________ ମିନିଟ୍

୩ଘ. = ________ ମି.  ୪ଘ. = ________ ମି.

୨ଘ. ଓ ୨୫ମି. = ୨ × ୬୦ ମି. + ୨୫ମି. = ________ ମି. + ________ ମି. = ________ ମି.

୩ଘ. ଓ ୪୦ମି. = ୩ × ______ ମି. + ______ ମି. = ______ ମି. + ______ ମି. = ______ ମି.

ଆସ ମିନିଟ୍‌କୁ ଦିଆଯାଇଥିବା ସମୟକୁ ଘଣ୍ଟାରେ ପ୍ରକାଶ କରିବା ।

୬୦ମି. = ୧ ଘଣ୍ଟା

୧୨୦ ମି. = ୬୦ମି. + ୬୦ମି. = ୧ଘ. + ୧ଘ. = ୨ଘ.

୧୫୦ ମି. = ୬୦ମି. + ୬୦ମି. + ୩୦ମି. = ୨ଘ. + ୩୦ମି. = ୨ଘ.୩୦ ମି.

☞ ନିଜେକର

| |
|---|
| ୮୦ମି. = ୬୦ମି. + _____ମି.= _____ଘ. + _____ମି.= _____ଘ. _____ମି. |
| ୧୦୦ମି.= _____ମି. + _____ମି.= _____ଘ. + _____ମି.= _____ଘ. _____ମି. |
| ୧୨୦ମି. = |
| ୧୫୫ମି.= |
| ୧୮୦ମି.= |
| ୨୨୦ମି. = |

## ସମୟର ଯୋଗ

୧ ଟଙ୍କା = ୧୦୦ ପଇସା, ହୋଇଥିବାରୁ ଟଙ୍କା ପଇସାର ଯୋଗ ବା ବିୟୋଗ ସାଧାରଣ ସଂଖ୍ୟାର ଯୋଗ ବିୟୋଗ ପରି ହୋଇଥାଏ । କିନ୍ତୁ ୧ ଘଣ୍ଟା = ୬୦ ମିନିଟ୍, ହୋଇଥିବାରୁ ଘଣ୍ଟା ମିନିଟ୍‌ର ଯୋଗ ବା ବିୟୋଗରେ ଆମେ କିଛି ପାର୍ଥକ୍ୟ ଲକ୍ଷ୍ୟ କରୁ । ତଳ ଉଦାହରଣକୁ ଦେଖ-

**ଉଦାହରଣ-**

ବାବୁଲି ୧୦କି.ମି. ରାସ୍ତାକୁ ୧ ଘଣ୍ଟା ୫୫ ମିନିଟ୍‌ରେ ଓ ପରବର୍ତ୍ତୀ ୧୦ କି.ମି. ରାସ୍ତାକୁ ୨ ଘଣ୍ଟା ୧୮ ମିନିଟ୍‌ରେ ଅତିକ୍ରମ କଲା । ତେବେ ସମୁଦାୟ ୨୦ କି.ମି. ରାସ୍ତାକୁ ସେ କେତେ ସମୟରେ ଅତିକ୍ରମ କଲା ?

**ସମାଧାନ-**

| | ଘଣ୍ଟା | ମିନିଟ୍ |
|---|---|---|
| | ୧ | ୫୫ |
| + | ୨ | ୧୮ |
| | ୩ | ୭୩ |

= ୩ ଘଣ୍ଟା + ୧ ଘଣ୍ଟା + ୧୩ ମିନିଟ୍

= ୪ ଘଣ୍ଟା ୧୩ ମିନିଟ୍

ଭାବି କହ-

ଯୋଗଫଳର ମିନିଟ୍ ସ୍ତମ୍ଭରେ ୭୩ ମିନିଟ୍ ବଦଳରେ ୧ଘଣ୍ଟା ୧୩ ମିନିଟ୍ ଲେଖାଗଲା କାହିଁକି ?

# ଅଭ୍ୟାସ କାର୍ଯ୍ୟ

୧. ଯୋଗ କର ।

କ) ଘଣ୍ଟା ମିନିଟ୍

| | ଘଣ୍ଟା | ମିନିଟ୍ |
|---|---|---|
| | ୫ | ୩୨ |
| + | ୬ | ୨୫ |

ଖ)

| | | |
|---|---|---|
| | ୩ଘ. | ୪୫ମିନିଟ୍ |
| + | ୭ଘ. | ୪୦ମିନିଟ୍ |
| | ୧୦ଘ. | ୮୫ମିନିଟ୍ |

=.....୧୦....ଘ. + ୬୦ମି. +୨୫...ମି.

= ............ଘ. + ୧ଘ. + ..............ମି.

=..............ଘ. ............................ମି.

ଗ)

| | | |
|---|---|---|
| | ୧୦ଘ. | ୨୫ମି. |
| + | ୫ଘ. | ୪୫ମି. |
| | ୧୫ଘ. | ୬୫ ମି. |

=......୧୫...ଘ+୬୦.....ମି.+.....୫...ମି.

=...........ଘ. + .........ଘ. + ........ମି.

=.....................ଘ. ..................ମି.

୨. ଯୋଗଫଳ ନିର୍ଣ୍ଣୟ କର ।

କ) ୩ଘଣ୍ଟା ୩୫ ମିନିଟ୍ ଓ ୫ଘଣ୍ଟା ୪୭ ମିନିଟ୍

(ଖ)୭ଘଣ୍ଟା ୪୪ମିନିଟ୍ ଓ ୮ଘଣ୍ଟା୪୬ମିନିଟ୍

ଗ) ୪ଘଣ୍ଟା ୪୫ମିନିଟ୍ ଓ ୪ଘଣ୍ଟା ୯ମିନିଟ୍

(ଘ)୫ଘଣ୍ଟା ୫୪ମିନିଟ୍ ଓ ୩ଘଣ୍ଟା ୪୨ମିନିଟ୍

୩. ମଧୁ ଘରେ ପ୍ରତିଦିନ ସକାଳେ ୪୦ ମିନିଟ୍ ପାଠ ପଢ଼େ । ସନ୍ଧ୍ୟାରେ ୧ ଘଣ୍ଟା ୩୦ ମିନିଟ୍ ପଢ଼େ । ତେବେ ପ୍ରତିଦିନ ସେ ଘରେ କେତେ ସମୟ ପାଠ ପଢ଼େ ?

୪. ଦିନେ ବିଦ୍ୟାଳୟରେ ୩ଘଣ୍ଟା ୪୫ମିନିଟ୍ ପାଠପଢ଼ା ହେଲା, ୧ ଘଣ୍ଟା ୧୫ ମିନିଟ୍ ଖେଳ ହେଲା ଓ ୩୦ ମିନିଟ୍ ବଗିଚା କାମ ହେଲା । ବିଦ୍ୟାଳୟରେ ସେଦିନ କେତେ ସମୟ କାମ ହେଲା ?

୫. ବସ୍‌ରେ ବ୍ରହ୍ମଗିରିଠାରୁ ସାତପଡ଼ା ଯିବାପାଇଁ ୧ ଘଣ୍ଟା ୧୫ ମିନିଟ୍ ସମୟ ଲାଗେ । ପୁରୀରୁ ବ୍ରହ୍ମଗିରି ଯିବା ପାଇଁ ୫୫ ମିନିଟ୍ ସମୟ ଲାଗେ । ପୁରୀରୁ କୋଣାର୍କ ଯିବାକୁ ୧ ଘଣ୍ଟା ୨୫ ମିନିଟ୍ ସମୟ ଲାଗେ । ତେବେ କୋଣାର୍କରୁ ପୁରୀ ଓ ବ୍ରହ୍ମଗିରି ଦେଇ ସାତପଡ଼ା ଯିବା ପାଇଁ କେତେ ସମୟ ଲାଗିବ ?

୬. ଆମ ଗାଁରେ ଦିନେ ସକାଳ ୯ଟାରେ କ୍ରିକେଟ୍ ଖେଳ ଆରମ୍ଭ ହୋଇ ୧୨ ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିଲା । ଏହାପରେ ୪୫ ମିନିଟ୍ ମଧ୍ୟାହ୍ନ ଭୋଜନ ପାଇଁ ଖେଳ ବନ୍ଦ ରହି ପୁଣି ୪ ଟା ୫୫ ମିନିଟ୍‌ରେ ଖେଳ ଶେଷ ହେଲା । ତେବେ ସେଦିନ ମୋଟ୍ କେତେ ସମୟ ପାଇଁ ଖେଳାଯାଇଥିଲା ?

## ସମୟ ଅନୁମାନ କରିବା

ଚିତ୍ରରେ ଦିଆଯାଇଥିବା କାମ ସରିବାକୁ କେତେ ମିନିଟ୍ ଲାଗିବ ଅନୁମାନ କରି କୋଠରିରେ ଲେଖ ।



୨ ଲିଟର ପାଣି ଗରମ କରିବା



ବାଲ୍‌ଟି ପୂର୍ଣ୍ଣ ହେବା



ତୁମ ଶ୍ରେଣୀ କୋଠରି ଝାଡୁ କରିବା

ତୁମେ ଲେଖିଥିବା ଉତ୍ତରକୁ ତୁମ ସାଙ୍ଗ ଲେଖିଥିବା ଉତ୍ତର ସହ ତୁଳନା କର । ପ୍ରତ୍ୟେକଙ୍କ ଉତ୍ତର ସମାନ ହେଉଛି କି ? ଏପରି କାହିଁକି ହେଉଛି ସେମାନଙ୍କ ସହ ଆଲୋଚନା କରି କହ ଓ ଲେଖ ।

### ତୁମ ପାଇଁ କାମ-

ତୁମକୁ ନିମ୍ନ କାମଗୁଡ଼ିକୁ କରିବାକୁ କେତେ ସମୟ ଲାଗିବ ଅନୁମାନ କରି ଲେଖ ।

- ୫୦ ମିଟର ରାସ୍ତା ଦଉଡ଼ିବା
- ତଳୁ ୫୦ ଟି ଗୋଡ଼ି ଗୋଟେଇବା
- ୧ ରୁ ୧୦୦ ପର୍ଯ୍ୟନ୍ତ ଗଣିବା
- ୧୦୦ରୁ ୧ ପର୍ଯ୍ୟନ୍ତ ଗଣିବା
- ୧ କି.ମି. ବାଟ ଚାଲିବା
- ଘରୁ ସ୍କୁଲକୁ ଚାଲିକରି ଯିବା
- A ରୁ Z ପର୍ଯ୍ୟନ୍ତ ଇଂରାଜୀ ଅକ୍ଷର ଗୁଡ଼ିକୁ କ୍ରମରେ ଲେଖିବା
- ତୁମ ଶ୍ରେଣୀର ସବୁ ପିଲାଙ୍କ ନାମ କହିବା

ଏବେ ଉପରେ ଲେଖାଥିବା କାମଗୁଡ଼ିକୁ କର ଓ ପ୍ରତ୍ୟେକ କାମ କରିବା ପାଇଁ କେତେ ସମୟ ଲାଗିଲା ଲେଖିରଖ । ତୁମେ ଅନୁମାନ କରିଥିବା ସମୟ ଓ କାମ କରିବା ପାଇଁ ଲାଗିଥିବା ସମୟ ମଧ୍ୟରେ ଭିନ୍ନତା ଆସୁଛି କି ? ଏପରି କାହିଁକି ହେଉଛି ସାଙ୍ଗମାନଙ୍କ ସହ ଆଲୋଚନା କରି କୁହ ।

୧. ଶୂନ୍ୟ ସ୍ଥାନରେ ଉତ୍ତର am ବା p mରେ ଲେଖ ।

(କ) ତୁମ ବିଦ୍ୟାଳୟର ଖେଳଛୁଟି____ ରୁ ____ସମୟ ପର୍ଯ୍ୟନ୍ତ ହୁଏ ।

ତୁମର ଖେଳ ଛୁଟିର ସମୟ ଅବଧି ____ ।

(ଖ) ତୁମ ବିଦ୍ୟାଳୟ ____ ରୁ ____ସମୟ ପର୍ଯ୍ୟନ୍ତ ଖୋଲା ରହେ ।

ତୁମ ବିଦ୍ୟାଳୟ ____ ସମୟ ଖୋଲା ରହେ ।

(ଗ) ତୁମର ସ୍କୁଲର ପ୍ରଥମ ପିରିୟଡ୍ ____ ସମୟରୁ ____ ସମୟ ପର୍ଯ୍ୟନ୍ତ ହୁଏ ।

ତୁମ ସ୍କୁଲର ପ୍ରଥମ ପିରିୟଡ୍ ____ମିନିଟ୍ ହୁଏ ।

୨. ଡାହାଣ ପାର୍ଶ୍ୱରେ ଥିବା ଶୂନ୍ୟସ୍ଥାନରେ ସମୟ ବ୍ୟବଧାନ ଲେଖ ।

(କ)୮ am ରୁ ୧୧ am ପର୍ଯ୍ୟନ୍ତ

(ଖ)୧୧ am ରୁ ୩ pm ପର୍ଯ୍ୟନ୍ତ

(ଗ)ମଧ୍ୟରାତ୍ର ୧୨ ଟାରୁ ୩ pm ପର୍ଯ୍ୟନ୍ତ

(ଘ)୯ pm ରୁ ୯ am ପର୍ଯ୍ୟନ୍ତ

(ଙ)୧ amରୁ ୨.୨୦ pm ପର୍ଯ୍ୟନ୍ତ

## ବିୟୋଗ କରି ସମୟ ପରିମାଣ ହିସାବ କରିବା

ଚପଳା ସନ୍ଧ୍ୟା ୬.୩୦ମି.ରୁ ପାଠପଢ଼ା ଆରମ୍ଭ କଲା । ବିଦ୍ୟାଳୟରେ ଦିଆଯାଇଥିବା ସମସ୍ତ ପାଠ କଲାବେଳକୁ ରାତି ୯ଟା ୪୫ମି. ହୋଇଥିଲା । ତେବେ ସେ କେତେ ସମୟ ପାଠ ପଢ଼ିଲା ?

ମକରା ଚପଳାର ଭାଇ । ସେ ମଧ୍ୟ ଚପଳା ସହ ୬.୩୦ମି.ରେ ପାଠପଢ଼ା ଆରମ୍ଭ କରିଥିଲା, କିନ୍ତୁ ତା' ପାଠ ଶେଷ ହେଲା ବେଳକୁ ୧୦ଟା ୧୫ମି. ହୋଇଥିଲା । ତେବେ ମକରା କେତେ ସମୟ ପଢ଼ିଥିଲା ?

ପ୍ରଥମ ପ୍ରଣାଳୀ

| | |
|---|---|
| ଚପଳାର ପଢ଼ା ଶେଷ କରିବା ସମୟ | ୯ଘ. ୪୫ମି. |
| ଚପଳାର ପଢ଼ା ଆରମ୍ଭ ସମୟ(-) | ୬ଘ.୩୦ମି. |
| ଚପଳାର ପଢ଼ା ସମୟ | ୩ଘ. ୧୫ମି. |

ଦ୍ୱିତୀୟ ପ୍ରଣାଳୀ

| | |
|---|---|
| ଚପଳାର ପଢ଼ା ଶେଷ କରିବା ସମୟ | ୯.୪୫ p m |
| ଚପଳାର ପଢ଼ା ଆରମ୍ଭ ସମୟ(-) | ୬.୩୦ p m |
| ଚପଳାର ପଢ଼ା ସମୟ | ୩ଘ. ୧୫ମିନିଟ୍ |

ଦୁଇଟି ସମୟ ମଧ୍ୟରେ ବ୍ୟବଧାନକୁ am ଓ p m ରେ କିମ୍ବା ସକାଳ ବା ସନ୍ଧ୍ୟାରେ ଲେଖାଯାଏ ନାହିଁ । ତାହା କେବଳ ଘଣ୍ଟା ଓ ମିନିଟ୍‌ରେ ଲେଖାଯାଏ ।

ମକରାର ପଢ଼ିବା ସମୟ କେତେ ?

ମକରାର ପାଠପଢ଼ା ଶେଷ ସମୟ = ୧୦ଘ. ୧୫ମି.

ମକରାର ପାଠପଢ଼ା ଆରମ୍ଭ ସମୟ = (-) ୬ଘ. ୩୦ମି.

୧୫ମି.ରୁ ୩୦ମି. ଫେଡ଼ିହେବ କି ? ତେବେ କ'ଣ କରିବା ଭାବି କହ ।

ଟଙ୍କା ପଇସାର ବିୟୋଗରେ ଯେପରି କମ୍ ପଇସାରୁ ବେଶି ପଇସା ଫେଡ଼ି ନ ହେଲେ ଟଙ୍କା ଘରୁ ୧ ଟଙ୍କା ଅଣାଯାଏ ଓ ତାକୁ ୧୦୦ ପଇସାରେ ପରିବର୍ତ୍ତନ କରି ବିୟୋଗ କରାଯାଏ, ସେହିପରି ଏଠାରେ ଘଣ୍ଟା ଘରୁ ୧ଘ. ଅଣାଯିବ ଓ ତାକୁ ୬୦ମି.ରେ ପରିଣତ କରି ଆଗରୁ ଥିବା ମିନିଟ୍ ସହ ମିଶାଯିବ ।

୧୦ଘ. ୧୫ମିନିଟ୍ =୯ଘ. + ୧ଘ. + ୧୫ମି.

=୯ଘ. + ୬୦ମି.+୧୫ମି.

=୯ଘ. ୭୫ମି.

| | | |
|---|---|---|
| ୧୦ଘ.୧୫ମିନିଟ୍ | = | ୯ଘ.୭୫ମି. |
| - ୬ଘ.୩୦ମିନିଟ୍ | = | - ୬ଘ.୩୦ମି. |
| | | ୩ଘ. ୪୫ମି. |

ଏଣୁ ମକରାର ପାଠପଢ଼ା ସମୟ = ୩ଘ.୪୫ମି.

ସମାଧାନ କର-

୧. ରାମବାବୁ ସକାଳ ୭ଟା ୩୫ମିନିଟ୍‌ରେ ଘରୁ ବାହାରି ସକାଳ ୧୦ ଟା ୨୮ ମିନିଟ୍‌ରେ କଚେରୀରେ ପହଞ୍ଚିଲେ । ତେବେ ତାଙ୍କୁ ଘରୁ ବାହାରି କଚେରୀରେ ପହଞ୍ଚିବାକୁ କେତେ ସମୟ ଲାଗିଲା ?

୨. ତଳେ ଥିବା ଶୂନ୍ୟ ସ୍ଥାନ ପୂରଣ କର ।

କ) ୧୧ଘ. ୪୦ମି.

- ୭ଘ. ୩୫ମି.

.....ଘ......ମି.

| | | |
|---|---|---|
| ଖ) | ୫ଘ. ୩୦ମି. | ...........ଘ. ...........ମି. |
| - | ୨ଘ. ୪୭ମି. | ୨ଘ. ୪୭ମି. |
| | | ଘ. ............ମି. |

| | | |
|---|---|---|
| ଗ) | ୯ଘ. ୨୪ମି. | ଘ. ମି. |
| - | ୭ଘ. ୪୯ମି. | ଘ. ମି. |
| | | ଘ. ମି. |

| | | |
|---|---|---|
| ଘ) | ୧୩ଘ. ୨୦ମି. | ଘ. ମି. |
| - | ୯ଘ. ୨୭ମି. | ଘ. ମି. |
| | | ଘ. ମି. |

ଉଦାହରଣ-

କମଳ ବାବୁ ଟ୍ରେନ୍‌ରେ ଚଢ଼ି କଟକରୁ କୋଲକାତା ଗଲେ । ତାଙ୍କ ଟ୍ରେନ୍ ୮.୨୦ p mରେ କଟକ ଷ୍ଟେସନ୍ ଛାଡ଼ିଲା ଏବଂ ତା' ପରଦିନ ୭.୩୫ a mରେ କୋଲକାତା ଷ୍ଟେସନ୍‌ରେ ପହଞ୍ଚିଲା । ତେବେ କମଳ ବାବୁଙ୍କୁ କଟକ ଷ୍ଟେସନ୍‌ରୁ କଲିକତା ଷ୍ଟେସନ୍ ପର୍ଯ୍ୟନ୍ତ ଯିବାକୁ କେତେ ସମୟ ଲାଗିଲା ?

ସମାଧାନ-

ଯାତ୍ରା ଆରମ୍ଭ ସମୟ p m ରେ ଅଛି । ଯାତ୍ରା ଶେଷ ସମୟ a m ରେ ଅଛି ।

ଏଣୁ କିପରି ବିୟୋଗ କରିବା ?

କଟକ ଛାଡ଼ିବା ସମୟଠାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ - (୮.୨୦ p mରୁ ମଧ୍ୟ ରାତ୍ର ୧୨ ଟା ପର୍ଯ୍ୟନ୍ତ)

| | | |
|---|---|---|
| | ୧୨ଘ. ୦୦ମି. | ୧୧ଘ. ୬୦ମି. |
| (-) | ୮ଘ. ୨୦ମି. | ୮ଘ. ୨୦ମି. |
| | | ୩ଘ. ୪୦ମି. |

ମଧ୍ୟରାତ୍ର ୧୨ ଟା ଠାରୁ ପରଦିନ ୭.୩୫ a m ପର୍ଯ୍ୟନ୍ତ ସମୟ ପରିମାଣ = ୭ଘ.୩୫ମି.

ମୋଟ ସମୟ = ୩ଘ. ୪୦ମି.

(+) ୭ଘ. ୩୫ମି.

୧୦ଘ.୭୫ମି. = ୧୦ଘ.+୧ଘ.+୧୫ମି. = ୧୧ଘ.୧୫ମି.

∴ କମଳ ବାବୁଙ୍କୁ କୋଲ୍‌କାତାରେ ପହଞ୍ଚିବାକୁ ୧୧ ଘ. ୧୫ ମି. ସମୟ ଲାଗିଲା ।

## ଅଭ୍ୟାସ କାର୍ଯ୍ୟ

୧. ସମୟ ବ୍ୟବଧାନ କେତେ ?

କ) ୧୦.୧୫ am ରୁ ମଧ୍ୟାହ୍ନ ୧୨ଟା

ଖ) ୯.୩୦ pm ରୁ ୧୧.୪୫ pm

ଗ) ୧୦.୨୦ am ରୁ ୩.୩୦ pm

ଘ) ୮.୪୦ pm ରୁ ପରଦିନ ୪.୨୦ am

ଙ) ସକାଳ ୯ଘ.୩୦ମି.ରୁ ଅପରାହ୍ନ ୨ଘ. ୧୫ମି.

ଚ) ଅପରାହ୍ନ ୪ଘ. ୫୫ମି.ରୁ ପରଦିନ ପୂର୍ବାହ୍ନ ୬ଘ. ୨୫ ମି.

| | |
|---|---|
| ୨. ଜୁଲା ପଢ଼ା ସାରି ୧୧.୩୦ pm ରେ ଶୋଇଲା ଓ ପରଦିନ ୬.୧୫ a mରେ ଉଠିଲା । ସେ କେତେ ସମୟ ଶୋଇଥିଲା ? | |
| ୩. କିରଣ୍ଡି ଓ ଭଟଗ୍ରାମ ମଧ୍ୟରେ କ୍ରିକେଟ୍ ଖେଳ ୯.୧୫ a mରେ ଆରମ୍ଭ ହୋଇ ୪ pm ରେ ଶେଷ ହେଲା । ତେବେ କେତେ ସମୟ ଖେଳ ହେଲା ? | |
| ୪. ସୁବାଷ ବାବୁ ପାରଳାଖେମୁଣ୍ଡିରୁ ୧୦ pm ରେ ବାହାରି ୫ ଘଣ୍ଟା ପରେ ଭୁବନେଶ୍ୱରରେ ପହଞ୍ଚିଲେ । ତେବେ ସେ କେତେ ବେଳେ ଭୁବନେଶ୍ୱର ପହଞ୍ଚିଲେ ? | |
| ୫. ଗୋଟିଏ ଟ୍ରେନ୍ ଭୁବନେଶ୍ୱରରୁ ୮ pm ରେ ବାହାରି ତା' ପରଦିନ ୧୦ am ରେ କୋରାପୁଟରେ ପହଞ୍ଚିଲା । ଟ୍ରେନ୍‌ଟି କେତେ ସମୟ ଯାତ୍ରା କଲା ? | |
| ୬. ବଲାଙ୍ଗିରରୁ ଗୋଟିଏ ବସ୍ ୧୦ ଘଣ୍ଟା ଯାତ୍ରା କରି ୩ pm ରେ କଟକରେ ପହଞ୍ଚିଲା । ବସ୍‌ଟି କେତେବେଳେ ଯାତ୍ରା ଆରମ୍ଭ କରିଥିଲା ? | |